## ସଂକ୍ଷେପରେ

### କୋର୍ଟ ପରିସରରେ ଇ-ପାଠାଗାର ଉଦ୍‌ଘାଟିତ



ଗୁଣପୁର,୨୦।୨(ଡି.ଏନ.ଏ)-ରାୟଗଡା ଜିଲା ଗୁଣପୁର କୋର୍ଟ ପରିସରରେ ଥିବା ଓକିଲ ସଂଘ ସମ୍ମିଳନୀ କକ୍ଷରେ ସୋମବାର ୱେବନାର ମାଧ୍ୟମରେ ଇ-ପାଠାଗାର ଉଦଘାଟିତ ହୋଇଯାଇଛି। ସୁପ୍ରିମକୋର୍ଟ ବିଚାରପତି କେ.ଏମ.ଜସେଫ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ୱେବନାର ମାଧ୍ୟମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଡ.ଏସ. ମୁରଲିଧରଙ୍କ ସମେତ ହାଇକୋର୍ଟର ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। ଗୁଣପୁରଠାରେ ଉଦଘାଟନୀ କାର୍ଯ୍ୟକ୍ରମରେ ଏଡିଜେ ମାନସ ରଞ୍ଜନ ରଥ, ସବଜଜ ସନ୍ତୋଷ କୁମାର ମହାପାତ୍ର, ଏସଡିଜେଏମ ଶାନ୍ତାଶ୍ରୀ ମହାନ୍ତି, ଜେଏମଏଫସି ଦେବାନ ସତ୍ୟଦର୍ଶୀ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ସଂପାଦକ ଜଗଦିଶ ଗମାଙ୍ଗଙ୍କ ସମେତ ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ଫଣି ଭୂଷଣ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ସାହୁ ଏବଂ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ।

### ୱାକ୍ ଫର୍ ବ୍ଲଡ଼ ପଦଯାତ୍ରାରେ କିରଣ
#### ଦିଲ୍ଲୀରୁ ପଲ୍ଲୀ ରକ୍ତଦାନ ପାଇଁ ସଚେତନ କରୁଛନ୍ତି




ରାୟଗଡ଼ା,୨୦।୨(ସ୍ୱ.ପ୍ର.)- ଠିକ୍ ସମୟରେ ରକ୍ତ ନ ପାଇ ଅନେକ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି। ରକ୍ତଦାନ ପାଇଁ ସଚେତନତା ସହ ଅଧିକରୁ ଅଧିକ ରକ୍ତଦାତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଦିଲ୍ଲୀ କିରଣ ବର୍ମା ନାମକ ଜଣେ ଯୁବକ ୱାକ ଫର୍ ବ୍ଲଡ଼ ପଦଯାତ୍ରା କରୁଛନ୍ତି। ୨୦୨୧ ଡିସେମ୍ବର ୨୮ ତାରିଖରେ ଦିଲ୍ଲୀରୁ ୨୧ ହଜାର କି.ମି.ପଦଯାତ୍ରାରେ ବାହାରିଛନ୍ତି। ସମଗ୍ର ଭାରତବର୍ଷ ବୁଲି ରକ୍ତଦାନ ସମ୍ପର୍କରେ ସଚେତନ କରୁଛନ୍ତି। ସୋମବାର ସକାଳେ ସେ ରାୟଗଡ଼ା ଠାରେ ପହଞ୍ଚି କିଛି ରକ୍ତଦାତା ସ୍ୱେଚ୍ଛାସେବୀଙ୍କୁ ଭେଟିଥିଲେ। ପରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କୁ ଭେଟି ନିଜ ପଦଯାତ୍ରାର ଉଦ୍ଦେଶ୍ୟ ବିଷୟରେ ଜଣାଇଥିଲେ। ଓଡ଼ିଶାର ଗସ୍ତ କରିଥିବା ଜିଲାଗୁଡ଼ିକ ମଧ୍ୟରୁ ବାଲେଶ୍ୱର ଜିଲା ରକ୍ତଦାନ କ୍ଷେତ୍ରରେ ଆଗୁଆ ରହିଥିବା ସେ କହିଛନ୍ତି। ଜରୁରୀକାଳୀନ ସମୟରେ ଡ୍ରୋନ ମାଧ୍ୟମରେ ରୋଗୀ ପାଖକୁ ଭିଭଳି ରକ୍ତ ପହଞ୍ଚିପାରିବ ତାହା ମଧ ସେ ଅନୁଧାନ କରୁଛନ୍ତି। ନିଜର ଏହି ଅନୁଭୂତିକୁ ଆଗାମୀ ଦିନରେ ସେ କାର୍ଯ୍ୟରେ ରୂପାନ୍ତରିତ କରିବା ସକାଶେ ଲକ୍ଷ୍ୟ ରଖିଥିବା କହିଛନ୍ତି।

# ୪ ବର୍ଷ ପରେ ବି ନିର୍ମାଣ ହୋଇପାରୁନି ଛାତ୍ରାବାସ

ରାୟଗଡ଼ା,୨୦।୨(ସ୍ୱ.ପ୍ର.)



ଅନୁସୂଚିତ ଜାତି ଓ ଜନଜାତିଙ୍କ ଶିକ୍ଷା କ୍ଷେତ୍ରରେ ଜିଲା ମଙ୍ଗଳ ବିଭାଗ ସହାୟକ ହୋଇଥାଏ । ହେଲେ ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଏହି ବିଭାଗର ଛାତ୍ରାବାସ ୪ ବର୍ଷ ପରେ ବି ନିର୍ମାଣ ହୋଇପାରୁନି। ଏଥିରୁ ଜିଲା ମଙ୍ଗଳ ବିଭାଗ କେତେ ତତ୍ପର ତାହା ବାରି ହୋଇପଡୁଛି। ଜିଲାର ବିଷମକଟକ ବିଧାୟକ ଜଗନ୍ନାଥ ସାରକା ବିଭାଗୀୟ ମନ୍ତ୍ରୀ ହୋଇଥିଲେ ମଧ୍ୟ ନିର୍ମାଣଧୀନ ହଷ୍ଟେଲ କାର୍ଯ୍ୟ ଶେଷ ହୋଇପାରୁନି କି ଏହା ପିଲାଙ୍କ କାର୍ଯ୍ୟରେ ଲାଗିପାରୁନି । ଏନେଇ ସ୍ଥାନୀୟ ବାସିନ୍ଦା ତଥା ପିଲାଙ୍କ ଅଭିଭାବକ ଯେତେ ଗୁହାରି କଲେ ବି କିଛି ଫରକ ପଡୁନାହିଁ।

କାଶୀପୁର ବ୍ଲକ ଅନ୍ତର୍ଗତ କାଶୀପୁର ସଦର ହାଇସ୍କୁଲ ଏବଂ ଶଙ୍କରଡ଼ା ପଞ୍ଚାୟତ ଅନ୍ତର୍ଗତ ପାଞ୍ଚାଲି ହାଇସ୍କୁଲ ଠାରେ ୧୦୦ ଶଯ୍ୟାବିଶିଷ୍ଟ ଛାତ୍ରାବାସ ନିର୍ମାଣ ପାଇଁ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଲେଖାଏ ଟଙ୍କା ବ୍ୟ ଅଟକଳ କରାଯାଇ ୨୦୧୯ରେ ଟେଣ୍ଡର ହୋଇଥିଲା । ଉକ୍ତ ଟେଣ୍ଡର ଏଚ୍ଏସ୍‌ସିଏଲ ନାମକ ଏକ ସଂସ୍ଥାକୁ ମିଳିଥିଲା । ସେହିବର୍ଷ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ବର୍ତ୍ତମାନ ସୁଦ୍ଧା କେବଳ ପିଲାର ନିର୍ମାଣ ଚାଲିଛି । ଉକ୍ତ କାର୍ଯ୍ୟ ୨ ବର୍ଷ ମଧ୍ୟରେ ସାରିବାକୁ ନିୟମାବଳୀ ରହିଥିଲେ ମଧ୍ୟ ଏ ଯାଏ ପିଲାର ସମ୍ପୂର୍ଣ୍ଣ ହୋଇନାହିଁ। ଫଳରେ ଉକ୍ତ ବିଦ୍ୟାଳୟରେ ହଷ୍ଟେଲର ଅସୁବିଧା ରହୁଥିବାରୁ ବହୁ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**ତତ୍ପର ହେଉନି ଜିଲା ମଙ୍ଗଳ ବିଭାଗ**

ଏନେଇ ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀଙ୍କୁ ପଚାରିବାରୁ, ଟେଣ୍ଡର ପାଇଥିବା କମ୍ପାନୀ ଅଞ୍ଚଳର କେତେଜଣ ଠିକାଦାରଙ୍କୁ ସବ୍‌ରେ କାମ ଦେଇ ଚୁପ ବସିଛି ବୋଲି କହିଛନ୍ତି । ତେବେ ଉକ୍ତ ନିର୍ମାଣ କାର୍ଯ୍ୟ ଅବଧି ମଧ୍ୟରେ ଶେଷ ହୋଇ ନ ଥିଲେ ମଧ୍ୟ ବିଭାଗୀୟ ମନ୍ତ୍ରୀ ଏବଂ ଅଧିକାରୀ ସଂପୃକ୍ତ ଠିକା ସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଉକ୍ତ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ କାଶୀପୁର ବ୍ଲକ ବାସିନ୍ଦା ଦାବି କରିଛନ୍ତି ।

# ମହିଳାଙ୍କ ଲାଗି ଆଇନ ସଚେତନତା ଶିବିର



ଶିବିରରେ ଉପସ୍ଥିତ ଡଙ୍ଗରିଆ ମହିଳାମାନେ ।

ରାୟଗଡା ଅଫିସ,୨୦।୨

ଚାଟିକଣା ସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ଡଙ୍ଗରିଆ କନ୍ଧ ବ୍ୟାଖ୍ୟା ତଥା ହସ୍ତଶିଳ୍ପ ସାଧନ ଓ ବିକ୍ରୟ କେନ୍ଦ୍ର ଠାରେ ଆଦିବାସୀ ଓ ଡଙ୍ଗରିଆ କନ୍ଧ ମହିଳା ମାନଙ୍କ ପାଇଁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ମହିଳା କମିଶନ ଏବଂ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ତଥା ଓଡ଼ିଶା ଆଇନ ସେବା ପ୍ରାଧିକରଣଙ୍କ ପୃଷ୍ଠପୋଷକତାରେ ତାଲୁକା ଆଇନ ସେବା କମିଟି, ବିଷମକଟକ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଶିନୀ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଓକିଲ ରାଧାରମଣ ଦାସ ଶିବିର ପରିଚାଳନା କରିଥିଲେ। ସ୍ଥାନୀୟ ଡିକେଡିଏର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ ତଥା ଡିକେଡିଏର କର୍ମଚାରୀ ମାନେ ଏଥିରେ ସହଯୋଗ କରିଥିଲେ। ଜିଲା ସଖୀ ୱନ ଷ୍ଟପ ସେଣ୍ଟରର ଅଧିକାରୀ ଗୀତାଞ୍ଜଳୀ ମିଶ୍ର, ଧରିତ୍ରୀ ଖବରଦାତା ଭାଗ୍ୟଶ୍ରୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ମାର୍କମା କଲେଜର ଅଧ୍ୟାପିକା ଦିପ୍ତୀରାଣୀ ମିଶ୍ର, ଆସିଷ୍ଟାଣ୍ଟ ପ୍ରଫେସର୍ ମୁକ୍ତେଶର ୱଡାକା, ସରପଞ୍ଚ ସୁବାରାଣୀ ୱଡାକା, ଓକିଲ ଅନୁପ ପଟ୍ଟନାୟକ, ମନମୋହନ ପାତ୍ର, ବଡ଼ ଗୌଡ, ତଥା ପାରା ଲିଗାଲ ସ୍ୱେଚ୍ଛାସେବୀ ପଙ୍କଜିନୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ମହିଳା ମାନଙ୍କ ସୁରକ୍ଷା ପାଇଁ ସମ୍ବିଧାନରେ ଥିବା ବିଭିନ୍ନ ଆଇନ ଉପରେ ଆଲୋଚନା କରାଯାଇଥିଲା। ୧୦୦ରୁ ଉର୍ଦ୍ଧ୍ୱ ଡଙ୍ଗରିଆ କନ୍ଧ ମହିଳା ଶିବିର ଯୋଗଦେଇଥିଲେ। ଆଇନ ସେବା କମିଟିର କର୍ମଚାରୀ ବିପିନ ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିର ତଦନ୍ତ ଦାବିରେ ଧାରଣା

ମୁନିଗୁଡା,୨୦।୨(ଡି.ଏନ.ଏ.)



ଏଆଇକେଏମଏସ ସଦସ୍ୟମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି ।

ମୁନିଗୁଡା ବ୍ଲକ ପାତ୍ରଗୁଡା ପଞ୍ଚାୟତ ଖାଲଗୁଡା, ବୁର୍ଜୁଗୁଡା, ପାତ୍ରଗୁଡା, ଭୂରକ୍ଷିଖମାର, ଜେମରାଗୁଡା, ଛେଲିଆନାଳ, କରଡାବନ୍ଧ ଆଦି ଗାଁରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅଖିଳ ଭାରତ କିଶାନ ମଜଦୁର୍ ସଭା (ଏଆଇକେଏମଏସ) ମୁନିଗୁଡା ବ୍ଲକ କମିଟି ପକ୍ଷରୁ ଏହି ଅଭିଯୋଗ ଅଣାଯାଇ ସୋମବାର ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଛି।

ଗ୍ରାମଗୁଡିକରେ ବହୁମୁଖୀ ପୋଖରୀ, ଗାର୍ଡ ୱାଲ, ରାସ୍ତା ଓ ଜମି ଉନ୍ନତିକରଣ ପାଇଁ ଆସିଥିବା ଲକ୍ଷ ଲକ୍ଷ ଟଙ୍କାର ଅନୁଦାନକୁ ସରକାରୀ ଅଧିକାରୀ ମିଶି ହଡପ କରିଛନ୍ତି। ଅନେକ ସ୍ଥାନରେ ସ୍ଥାନୀୟ ଲୋକଙ୍କ ସମ୍ପୂର୍ଣ୍ଣ ଅଜାଣତରେ ଏପରିକି କୌଣସି କାମ ନ ହୋଇ ଲକ୍ଷ ଲକ୍ଷ ଟଙ୍କାର ମିଥ୍ୟା ବିଲ କରି ସରକାରଙ୍କ ଅର୍ଥକୁ ଆତ୍ମସାତ ହୋଇଛି। ଏସବୁ ଦୁର୍ନୀତିର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଗତ ୩ ମାସ ମଧ୍ୟରେ ସ୍ଥାନୀୟ ଗ୍ରାମବାସୀ ଉଭୟ ବ୍ଲକ ଓ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଏଆଇକେଏମଏସ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା କରିବାକୁ ଘୋଷଣା କରାଯାଇଥିଲା। ପୂର୍ବାହ୍ନରେ ସଂଗଠନର ଶତାଧିକ କର୍ମୀ ଓ ସାଧାରଣ ଜନତା ବ୍ଲକ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ବିଡିଓ ଧାରଣାସ୍ଥଳକୁ ଆସି ଲୋକଙ୍କ ଦାବି ଶୁଣିବା ସହ ଆସନ୍ତା ମାସକ ମଧ୍ୟରେ ଅଭିଯୋଗଗୁଡିକର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ସ୍ଥଗିତ ରହିଛି। ଧାରଣାରେ ଅଖିଳ ଭାରତ କିଶାନ ମଜଦୁର୍ ସଭାର ରାଜ୍ୟ ସଭାପତି ଭାଲଚନ୍ଦ୍ର ଷଡ଼ଙ୍ଗୀ, ବ୍ଲକ ସଭାପତି କନୀନ୍ଦ୍ର ଜାଲିକା, ସମ୍ପାଦକ ନରେଶ ସୁନା, ଉପସଭାପତି ଗଣେଶ ଜାକେସିକା, ଆଦିବାସୀ ନେତା ଜିତୁ ଜାକେସିକା, ପଦ୍ମନାଭ ଚୌଧୁରୀ, ପ୍ରଦୀପ ହିଆଲ, କମଳ ହିଆଲ, ବଳରାମ କୁସଲିଆ ପ୍ରମୁଖ ସାମିଲ ହୋଇଥିଲେ ।

# ବ୍ଲକସ୍ତରୀୟ ପରାମର୍ଶ ଶିବିର

ପଦ୍ମପୁର,୨୦।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପ୍ରଶାସନ ଏବଂ ପଦ୍ମପୁର ପଞ୍ଚାୟତ ସମିତିର ମିଳିତ ଆନୁକୂଲ୍ୟରେ ଜିଲା ଶ୍ରମ ବିଭାଗ ତରଫରୁ ବ୍ଲକସ୍ତରୀୟ ପରାମର୍ଶ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର ମୁଖ୍ୟ ଅତିଥି, ବିଡିଓ ରୀନା ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପସ୍ଥିତ ଯୁବତୀ ଯୁବକମାନଙ୍କୁ ନିଜ ଭବିଷ୍ୟତ ଗଠନ ପାଇଁ ଇଚ୍ଛାଶକ୍ତି ଏବଂ ଦୃଢ଼ ମନୋବଳ ରହିବା ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ । ଜିଲା ଶ୍ରମ ବିଭାଗ ଅଧିକାରୀ ତତ୍ତ୍ୱମସି ମହାପାତ୍ର ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବତୀ ଯୁବକମାନେ ବୈଷୟିକ ଶିକ୍ଷା ଯଥା ଆଇଟିଆଇ ଏବଂ ପଲିଟେକନିକ ଶିକ୍ଷା ଦ୍ୱାରା କିଭଳି ଦକ୍ଷତା ବୃଦ୍ଧି ହେବ ତାହା ଉପରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟ ରବିନାରାୟଣ ଆଚାର୍ଯ୍ୟ, ଏବିଡିଓ ଶ୍ରୀନିବାସ ରାଓ, ଏଇଇ ରଶ୍ମିତା ଶବର, ଜିପିଇଓ ଅଜୟ କୁମାର ଦାସ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗୋରୀ, ତେମ୍ବାଗୁଡା ସରପଞ୍ଚ ସିଦ୍ଧେଶ୍ୱରୀ ଶବର, ଇନ୍ଦୁପୁର ସମିତି ସଭ୍ୟ ଗୋଦାବରୀ ରାଉତ ଯୋଗ ଦେଇ ଛାତ୍ରୀଛାତ୍ର ମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ପରାମର୍ଶ ଶିବିରରେ ୮ଟି ଦକ୍ଷତା ବିକାଶ ଅନୁଷ୍ଠାନର ପିଆଇଏମାନେ ଯୋଗ ଦେଇଥିଲେ। ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ସୁନିଲ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ଦାବିପତ୍ର




ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ରାୟଗଡା ଅଫିସ,୨୦।୨

ଓଡିଶା ରାଜ୍ୟ ଅଣଗେଜେଟ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ନିର୍ଦ୍ଦେଶକ୍ରମେ ସୋମବାର ରାୟଗଡା ଶାଖା ପକ୍ଷରୁ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ବାସୀଙ୍କ ପ୍ରାଣୀ ବିକାଶ ତଥା ସୁରକ୍ଷା ନିମନ୍ତେ ପ୍ରାଣୀଧନ ନିରୀକ୍ଷକ ପଦବୀରେ ଯୋଗ ଦେବା ପାଇଁ ସରକାର +୨ ବିଜ୍ଞାନ ଯୋଗ୍ୟତା ଥାଇ ୨ ବର୍ଷୀୟା ଡିପ୍ଲୋମା ତାଲିମର ବ୍ୟବସ୍ଥା ୨୦୧୫ରୁ ପ୍ରଚଳନ କରିଥିଲେ। ପରବର୍ତ୍ତୀ ସମୟରେ ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ରାଜ୍ୟର ୬ ହଜାରରୁ ଅଧିକ ପଞ୍ଚାୟତ ଏବଂ ସହରାଞ୍ଚଳରେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଏହି କର୍ମଚାରୀମାନଙ୍କୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ କରାଯାଇଛି । ଦରମାରେ ଥିବା ଅସଂଗତି ଦୂରୀକରଣ, କ୍ୟାଡର ପୁନଃ ଗଠନ, ନିଯୁକ୍ତି ନିୟମ ସଂଶୋଧନ,୨ ବର୍ଷୀୟା ଡିପ୍ଲୋମା ଓ ତାହାର ନାମକରଣ, କାର୍ଯ୍ୟ ସାରଣୀର ସଂଶୋଧନ ଆଦି ୫ ଦଫା ଦାବି ସରକାର ପୂରଣ କଲେ ବିଭାଗର ତୃଣମୁଳ ସ୍ତରୀୟ କର୍ମଚାରୀ ବିଶେଷ ଉପକୃତ ହେବେ। ଏହାଦ୍ୱାରା ସେମାନଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି ହେବା ସହ ଚାଷୀମାନଙ୍କୁ ଉପଯୁକ୍ତ ସେବା ଯୋଗାଇବାରେ ସହାୟକ ହେବେ ବୋଲି ଜିଲା ସଂଘ ସଭାପତି ଧନ ପତି କଣ୍ଡାଗରୀ ଏବଂ ସମ୍ପାଦକ ପ୍ରସାଦ ପାସ୍ଙ୍କୁ ରେଡି ଜଣାଇଛନ୍ତି କାର୍ଯ୍ୟକ୍ରମରେ ପ୍ରାଣୀଧନ ନିରୀକ୍ଷକ କ୍ୟାଡ଼ଟମାନେ ସାମିଲ ହୋଇ ପ୍ରତିବାଦ କରିଥିଲେ ।

# ଶିବିରରେ ତାଲିମ ନେବେ ୨୫୦ ଯୁବତୀ

ଡାବୁଗାଁ, ୨୦।୨ (ଡି.ଏନ୍.ଏ.)



ଶିବିରରେ ଅତିଥିଙ୍କ ସହ ତାଲିମ ନେଉଥିବା ଯୁବତୀମାନେ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପରାମର୍ଶ ଶିବିର ମାଧ୍ୟମରେ ଯୁବତୀମାନେ ତାଲିମ ନେଇ କିପରି ରୋଜଗାରକ୍ଷମ ହୋଇପାରିବେ ଓ ବୈଷୟିକ ଶିକ୍ଷା ମାଧ୍ୟମରେ ବାଳିକାମାନଙ୍କର କିପରି ଉତ୍ତରୋତ୍ତର ଉନ୍ନତି ହୋଇପାରିବ ସେ ନେଇ କହିଥିଲେ। ଏହି ଶିବିରରେ ଡେପୁଟି ଡାଇରେକ୍ଟର ସୁଯୋଗ୍ୟ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଷୋୟୀ, ବିଡିଓ ଶରତ ମାଝି, ଜିଲା ନିୟୋଜନ ଅଧିକାରୀ ଆନନ୍ଦ ପଲେଇ, ଉମରକୋଟ ସରକାରୀ ଆଇଟିଆଇ ପ୍ରିନ୍ସିପାଲ ରବୀନ୍ଦ୍ର କର, ନବରଙ୍ଗପୁର ସରକାରୀ ପଲିଟେକ୍‌ନିକ ଟ୍ରେନିଂ ସୁପରିଣ୍ଟେଣ୍ଡେଣ୍ଟ ଶରତ ସାହୁ, ଚନ୍ଦାହାଣ୍ଡି ସରକାରୀ ଆଇଟିଆଇର ସହକାରୀ ତାଲିମ ଅଧିକାରୀ ଶୁଭଜିତ ବେହେରା, ଆକ୍ସନଏଡ୍ ଜିଲା ପରାମର୍ଶଦାତା ଫକୀର ଚରଣ ରାଉତ, ଏବିଡିଓ ପଦ୍ମନାଭ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ୫ଟି ତାଲିମ ଏଜେନ୍ସି ଯୋଗ ଦେଇଥିଲେ। ବ୍ଲକରୁ ମୋଟ ୨୫୦ ଜଣ ଯୁବତୀ ବିଭିନ୍ନ ବିଭାଗରେ ତାଲିମ ନେବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। କାର୍ଯ୍ୟକ୍ରମକୁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ ପରିଚାଳନା କରିଥିଲେ।

# ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

ରାୟଗଡ଼ା/ଅମ୍ବାଦଳା, ୨୦।୨(ସ୍ୱ.ପ୍ର./ଡି.ଏନ୍.ଏ.)

ରାୟଗଡ଼ା ଜିଲା ଅମ୍ବାଦଳା ରେଲୱେ ଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ୍ ହୋଇଛି। ଟ୍ରେନ୍‌ଟି ଅମ୍ବାଦଳାଠାରୁ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନା କାରଖାନା ଯାଉଥିବା ସମୟରେ ୨ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ତେବେ ସେହି ରେଳଲାଇନ କେବଳ ବେଦାନ୍ତ ଆଲୁମିନା କାରଖାନା ପାଇଁ ଥିବାରୁ ଅନ୍ୟ ଟ୍ରେନ ଯାତାୟତ ଉପରେ ଏହାର ପ୍ରଭାବ ପଡିନାହିଁ। ଏହି ଖବର ମିଳିବା ପରେ ରାୟଗଡ଼ା ଓ ଟିଟିଲାଗଡ଼ରୁ ବୈଷୟିକ ଟିମ୍ ଦୁର୍ଘଟଣାସ୍ଥଳ ଅଭିମୁଖେ ବାହାରିଛନ୍ତି।

# ପ୍ରକଳ୍ପ ଅଛି, କିନ୍ତୁ ସବୁ ଅଞ୍ଚଳକୁ ମିଳୁନି ପାଣି

ତେନ୍ତୁଳିଖୁଣ୍ଟି, ୨୦।୨(ଡି.ଏନ୍.ଏ.)

- ତେନ୍ତୁଳିଖୁଣ୍ଟିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି
- ୫୧ ଅଭିଯୋଗର ଶୁଣାଣି କଲେ ଅଧିକାରୀ
- ବରଡ଼ାଝୋଡ଼ିର ବିଦ୍ୟାଳୟ ପୁନଃ ଚାଲୁ କରିବା ଦାବି

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. କମଳ ଲୋଚନ ମିଶ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ୟା ଦାସ, ଏସ୍‌ପି ଏସ୍.ସୁଶ୍ରୀ, ଡିଏଫ୍‌ଓ ଜି.ଜଗଦୀଶ ରାଓ, ଜିଲା ମୁଖ୍ୟ ଉଦ୍ୟାନ ଅଧିକାରୀ ଜି. ଭେଙ୍କଟ ରେଡ୍ଡୀ, ସହକାରୀ ଜିଲା ପଶୁ ଚିକିତ୍ସାଧିକାରୀ ଦିଲୀପ କୁମାର କବିରାଜ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଭିଜିତ ପାଢ଼ୀ, ବିଡିଓ ଦୁର୍ଯ୍ୟୋଧନ ଭୋଇ, ବ୍ଲକ ଅଧ୍ୟକ୍ଷା ନୀଳେନ୍ଦ୍ରୀ ନାୟକ ଓ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇଙ୍କ ସମେତ ବ୍ଲକସ୍ତରୀୟ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଧିକାରୀମାନେ ୫୧ଟି ଅଭିଯୋଗର ଶୁଣାଣି କରିଥିଲେ।

ପରଜାବାରଙ୍ଗପଦର ପଞ୍ଚାୟତ ଖାଡିଗୁଡ଼ା ଗ୍ରାମ ପାଇଁ ବସୁଧା ଯୋଜନାରେ ଜଳଯୋଗାଣ ପ୍ରକଳ୍ପ ରହିଛି। ସେଠାରୁ କିନ୍ତୁ ଖାଡିଗୁଡ଼ା ଗ୍ରାମର ପାଇକସାହି, କୁମ୍ଭାର ସାହି, ଗୌଡ଼ସାହି ସମେତ ଖାଡିଗୁଡା ବଜାର ଅଞ୍ଚଳକୁ ପାଣି ମିଳୁନାହିଁ। ଏହାର ସମାଧାନ କରିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଖାଡିଗୁଡାସ୍ଥିତ ଉପର ଶିବମନ୍ଦିରର ପୂଜାର୍ଚ୍ଚନା ପାଇଁ ଜଳ ସମସ୍ୟା ରହୁଛି ତା'ର ସମାଧାନ କରିବାକୁ ଖବରଦାତା ଚିଦାନନ୍ଦ ସାହୁ ଅନୁରୋଧ କରିଥିଲେ। ବିଜାପଦରରୁ ବରଡ଼ାଝୋଡ଼ି ଦେଇ ଡାଇକ ପର୍ଯ୍ୟନ୍ତ ରାସ୍ତା ପାଇଁ ଭୀମସେନ ପାଣିଗ୍ରାହୀ ଅନୁରୋଧ କରିଥିଲେ। ବରଡ଼ାଝୋଡ଼ିର ବିଦ୍ୟାଳୟ ପୁନଃ ଚାଲୁ କରିବାକୁ ତେନ୍ତୁଳିଖୁଣ୍ଟି ସମିତି ସଭ୍ୟା ଅନୁରୋଧ କରିଥିଲେ। ଝରିଗୁମ୍ମାରୁ ଘୁମରେଶ୍ୱର ପର୍ଯ୍ୟନ୍ତ ରାସ୍ତା ପାଇଁ ଝରିଗୁମ୍ମା ସରପଞ୍ଚ ମଦନ ମୋହନ ଦଳପତି ଦାବି ରଖିଥିଲେ। ପାତ୍ରପୁଟ ସମିତି ସଭ୍ୟ ଦିଲୀପ ପ୍ରଧାନୀ ଘୁମରେଶ୍ୱର ଶୈବପୀଠରେ ପାନୀୟ ଜଳ ସୁବିଧା କରିବାକୁ ଅନୁରୋଧ କରିଥିଲେ। ଲଦିପଦର ଓ ପାଙ୍ଗଣମରା ଆଦି ଗ୍ରାମକୁ ପାନୀୟ ଜଳ ସୁବିଧା କରିବା ସହ ମୁଣ୍ଡାଗୁଡ଼ାରୁ ମଙ୍ଗର ଦୋରା ରାସ୍ତା ପାଇଁ ମଧ୍ୟ ଦାବି କରାଯାଇଛି। ଜିଲାପାଳ ମିଶ୍ର ଅଭିଯୋଗ ଶୁଣି ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।



ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ନବରଙ୍ଗପୁର,୨୦।୨(ବି.ପ୍ର.)

- ଜିଲା ଆଇନଜୀବୀ ସଂଘର ଖବରଦାତା ସମ୍ମିଳନୀ
- ଜିଲାର କାର୍ଯ୍ୟନିର୍ବାହୀ କୋର୍ଟ, ଖାଉଟି ଅଦାଲତ ଅଚଳ
- ସ୍ୱାସ୍ଥ୍ୟସେବା ଓ ଟ୍ରାଫିକ ପରିଚାଳନା ବିପର୍ଯ୍ୟସ୍ତ ଅଭିଯୋଗ କଲା ସଂଘ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆଇନଜୀବୀମାନେ)

ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ତରଫରୁ ଜିଲା ଅଦାଲତ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ, ଉପଜିଲାପାଳ, ରାଜସ୍ୱ ଅଧିକାରୀ, ତହସିଲଦାରଙ୍କ କୋର୍ଟ ଓ ଜିଲା ଖାଉଟି ଅଦାଲତ ସମ୍ପୂର୍ଣ୍ଣଭାବେ ଅଚଳ ହୋଇପଡିଛି। ବାରମ୍ବାର ଅନୁରୋଧ ଏବଂ ଅଭିଯୋଗ ସତ୍ତ୍ୱେ ଜିଲାପାଳ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଯୋଗୁ ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀ, ସମ୍ପାଦକ ରାମପ୍ରସାଦ ପାତ୍ର, ଉପସଭାପତି ବିଧୁ ଶେଖର ତ୍ରିପାଠୀ ଓ ଆଇନଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବିଭିନ୍ନ ରାଜସ୍ୱ କୋର୍ଟଗୁଡିକ ନ ଚାଲିବାରୁ ବିବିଧ ପ୍ରମାଣପତ୍ର ନ ପାଇ ଲୋକେ ପିଲାଙ୍କୁ ବିଦ୍ୟାଳୟରେ ପାଠପଢ଼ା ପାଇଁ ଭର୍ତ୍ତି କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିଜ ନିଜ ଘରବାଡ଼ି ଓ ଜମି ଆପୋସ ବଣ୍ଟନ, ଘର ତିଆରି ପାଇଁ ବ୍ୟାଙ୍କରୁ ଋଣ ପାଇବାରେ ଅସୁବିଧା ହେଉଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ତୁରନ୍ତ ବିହିତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ରାଜସ୍ୱ ମନ୍ତ୍ରୀ, ରାଜସ୍ୱ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ରାଜ୍ୟ ଖାଉଟି କମିଶନର ସଭାପତିଙ୍କୁ ଲିଖିତଭାବେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସେଭଳି ଜିଲାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଡାକ୍ତର ଅଭାବ ଥିବା ବେଳେ ଏ ଦିଗରେ ଜିଲା ପ୍ରଶାସନ, ଜନ ପ୍ରତିନିଧି କିମ୍ବା ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସହରର ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଟ୍ରାଫିକ ପୋଷ୍ଟର ଲାଇଟ୍ ଜଳୁନାହିଁ। ସହରର ରାସ୍ତା ବର୍ଷ ବର୍ଷ ଧରି ମରାମତି ହୋଇନାହିଁ। ଏ ସମ୍ପର୍କରେ ଜିଲା ଆଇନଜୀବୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ପୂର୍ବରୁ ଲିଖିତ ଅଭିଯୋଗ କରାଯାଇଥିଲା। ଜିଲାପାଳ ଏଡିଏମ୍, ଉପଜିଲାପାଳ ଓ ସମସ୍ତ ତହସିଲଦାରଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। କିନ୍ତୁ ତାଙ୍କ ଅଧସ୍ତନ ଅଧିକାରୀମାନେ ଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରି ନିଜ କାର୍ଯ୍ୟରେ ଯୋଗ ନଦେଇ ଦୁର୍ନୀତିରେ ଲିପ୍ତ ରହୁଥିବା ସଂଘ ଅଭିଯୋଗ କରିଛି। ସାତ ଦିନ ମଧ୍ୟରେ କୋର୍ଟଗୁଡିକ ନିୟମିତ କାର୍ଯ୍ୟକ୍ଷମ ନହେଲେ ଏବଂ ଏକ ମାସ ମଧ୍ୟରେ ଜିଲାର ସ୍ୱାସ୍ଥ୍ୟସେବା, ଟ୍ରାଫିକ ପରିଚାଳନାରେ ସୁଧାର ନ ଆସିଲେ ସଂଘ ଆନ୍ଦୋଳନ କରିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ରଘୁନାଥ ପାଢ଼ୀ, ସିରାଜୁଦ୍ଦିନ ଅହମ୍ମଦ, ଦେବୀ ପ୍ରସାଦ ସିଂ, ମାନସ ତ୍ରିପାଠୀ, ଗଜପତି ପଟ୍ଟନାୟକ, ବରୁଣ ନାୟକ, ଜେନିଫର୍ ସୁନା, ଅନୁପମା ଗନ୍ତାୟତ, ଶ୍ରୀକାନ୍ତ ପଣ୍ଡା, ଶର୍ମିଷ୍ଠା ରଥ, ସୁରଜ ନାୟକ, ଗୋପାଳକୃଷ୍ଣ ପାଣିଗ୍ରାହୀ, ସଦାଶିବ ସାହୁ, ତପନ ସିଂ, ଗୋପାଳକୃଷ୍ଣ ଶତପଥୀ, ଶ୍ରୀଧର ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବିମାନ ବନ୍ଦର ନିମନ୍ତେ ଜାଗା ହରାଇଥିବା ଲୋକଙ୍କୁ ପଟ୍ଟା



ମାଲକାନଗିରି,୨୦।୨ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ବ୍ଲକ ଗୌଡଗୁଡା ପଞ୍ଚାୟତ ଅନ୍ତର୍ଗତ କଟଲିଗୁଡା ଗ୍ରାମର ୫୪ ଜଣ ହିତାଧିକାରୀଙ୍କୁ ସୋମବାର ପଟ୍ଟା ବଣ୍ଟନ କରାଯାଇଛି। ସେମାନଙ୍କ ଗ୍ରାମ ନିକଟରେ ବିମାନବନ୍ଦର ନିର୍ମାଣ ହେଉଛି। ଏଥିପାଇଁ ଏହି ଗ୍ରାମବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ପୂର୍ବରୁ ବହୁ ଲୋକଙ୍କୁ ଘରବାରି ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ସୋମବାର କଟଲିଗୁଡାର ୫୪ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଏହି ପଟ୍ଟା ପ୍ରଦାନ ସମୟରେ ମାଲକାନଗିରି ଉପ ଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ତହସିଲଦାର ସବିର ଶାହା, ରାଜସ୍ୱ ନିରୀକ୍ଷକ ଓ ଗୌଡଗୁଡା ସରପଞ୍ଚ ଉପସ୍ଥିତ ଥିଲେ।

### ବିଜୁ ଜନତା ଦଳ ଲୋକଙ୍କ ସେବାରେ ଅଛି:ମୀରା

କୋରାପୁଟ, ୨୦।୨(ସ୍ୱ.ପ୍ର.)- ବିଜୁ ଜନତା ଦଳ ଲୋକମାନଙ୍କ ସେବାରେ ଅଛି। ସର୍ବଦା ରହିଥିବ ବୋଲି ସୋମବାର କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ବିଜୁ ଜନତା ଦଳର କୋରାପୁଟ ଜିଲା ପର୍ଯ୍ୟବେକ୍ଷିକା ତଥା ମୁକ୍ତା ଯୋଜନାର ରାଜ୍ୟ ଉପଦେଷ୍ଟା ମୀରା ପରିଡା କହିଛନ୍ତି। କୋରାପୁଟ ସର୍କିଟ ହାଉସଠାରେ ଆୟୋଜିତ ମହିଳା ନେତୃବର୍ଗଙ୍କ ସହ ସାଙ୍ଗଠନିକ ବିଷୟ ଉପରେ ଆଲୋଚନା ବେଳେ ସେ ଏହା କହିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ତଥା ଜନକଲ୍ୟାଣମୂଳକ ଯୋଜନାଗୁଡିକରୁ ଲାଭ ଯେପରି ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ କୋରାପୁଟ ଜିଲା ବିଜୁ ଜନତା ଦଳ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବିଜୁ ଜନତା ଦଳ ସଭାନେତ୍ରୀ ପାର୍ବତୀ ମଣ୍ଡି, ଜିଲା ପରିଷଦ ସଭାପତି ସସ୍ମିତା ମେଲକାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ବ୍ଲକ କାର୍ଯ୍ୟାଳୟ ଘେରାଉ କଲା ଭାଜପା

ପଡିଆ,୨୦।୨(ଡି.ଏନ.ଏ.)-ମାଲାକନଗିରି ଜିଲା ପଡ଼ିଆ ବ୍ଲକ ସଦର ମହକୁମାରେ ସୋମବାର ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ନେଇ ବ୍ଲକ ଘେରାଉ କରାଯାଇଥିଲା। ବ୍ଲକ ସଭାପତି ପି. ଭେଙ୍କଟେଶ୍ୱର ରାଓଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବ୍ଲକରେ ପ୍ରକୃତ ଗରିବ ହିତାଧିକାରୀ ଚିହ୍ନଟକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ଦେବାକୁ ଦାବି କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓ ରାମକୃଷ୍ଣ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଏନେଇ ଭାଜପା ପକ୍ଷରୁ ପୂର୍ବରୁ ଏକ ଦାବିପତ୍ର ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ କର୍ମକର୍ତ୍ତା ଓ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ଅବସରରେ ଟାଉନ ହଲ୍‌ଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ଜିଲା ସମ୍ପାଦକ କମଲ ମଣ୍ଡଳ,ଯୁବମୋର୍ଚ୍ଚା ସଭାପତି ମନଦୀପ ରାୟ, ଉପସଭାପତି କେ. ନାଗେଶ୍ୱର ରାଓ ବିଧାୟକ ପ୍ରତିନିଧି କୋଟମ ବାଲାୟା ପ୍ରମୁଖ ସାମିଲ ହୋଇଥିଲେ।

# ୭୫ ବର୍ଷ ଭିତରେ କେହି ଶିକ୍ଷିତ ହୋଇ ନ ଥିବା ଗାଁ

ପଟ୍ଟାଙ୍ଗି,୨୦।୨(ଡି.ଏନ୍.ଏ.)

**ସିଡ଼ିବାଲାସାରେ ଶିକ୍ଷା ଅପହଞ୍ଚ**
- ମାତୃଭାଷା କହିଲେ ସେମାନେ ତେଲୁଗୁକୁ ବୁଝନ୍ତି
- ଇତାବାଲସା ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିବି
- ସ୍ଥିତି ସମ୍ପର୍କରେ ଅବଗତ ଥାଇ ପଦକ୍ଷେପ ନେଉନି ଜିଲା ପ୍ରଶାସନ

ଶିକ୍ଷା ହିଁ ମଣିଷ ଜୀବନରେ ସର୍ବଶ୍ରେଷ୍ଠ ଆବଶ୍ୟକତା। ଶିକ୍ଷା ମଣିଷର ସାମାଜିକ ଓ ମାନସିକ ବିକାଶ ଘଟାଇଥାଏ । ଶିକ୍ଷାର ଉନ୍ନତି ଲାଗି ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଅଙ୍ଗନୱାଡି କେନ୍ଦ୍ରମାନ ଖୋଲି ୩ବର୍ଷରୁ ୬ବର୍ଷ ବୟସର ଶିଶୁମାନଙ୍କ ପାଇଁ ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମ କରୁଛନ୍ତି। ୬ବର୍ଷରୁ ୧୪ବର୍ଷ ଶିଶୁମାନଙ୍କ ବିକାଶ ପ୍ରତି ସରକାର ଗୁରୁତ୍ୱ ଦେଇ ବିଦ୍ୟାଳୟ ପାଠପଢ଼ା ପ୍ରତି କିପରି ଛାତ୍ରୀଛାତ୍ରମାନେ ଆକୃଷ୍ଟ ହେବେ ସେନେଇ ୫-ଟି ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି। ଏହା ସତ୍ତ୍ୱେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ ଏପରି କେତେକ ଅଞ୍ଚଳ ରହିଛି ଯେଉଁଠି ଗ୍ରାମର ଶିଶୁମାନେ ଶିଶୁ ଶିକ୍ଷା ବ୍ୟବସ୍ଥାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ ରାଲେଗଡ଼ା ପଞ୍ଚାୟତର ସିଡ଼ିବାଲାସା ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଉକ୍ତ ଗ୍ରାମରେ ୧୨ ପରିବାର ବସବାସ କରୁଥିବା ବେଳେ ସମସ୍ତେ ପଛୁଆବର୍ଗର। ନିଜ ମାତୃଭାଷା କହିଲେ ସେମାନେ ତେଲୁଗୁକୁ ବୁଝନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରୁ ଦୂରରେ ରହିଥିବା ଏହି ଗ୍ରାମ ଓଡ଼ିଶା ଭିତରେ ରହିଥିଲେ ମଧ୍ୟ ଗ୍ରାମର ପିଲାମାନେ ଓଡ଼ିଆ ଭାଷା ବୁଝିପାରନ୍ତି ନାହିଁ କି କହିପାରନ୍ତି ନାହିଁ। ଗ୍ରାମର ସମସ୍ତ ପରିବାର ପାହାଡ଼ିଆ ଜମି ଉପରେ ନିର୍ଭରକରି ଚାଷବାସ କରି ଚଳନ୍ତି। ସେମାନେ ଆନ୍ଧ୍ର ପ୍ରଦେଶର ବିଭିନ୍ନ ସ୍ଥାନକୁ ଋତୁ ଅନୁଯାୟୀ ଦାଦନ ଖଟିବାକୁ ଯାଇ ଯାହା ରୋଜଗାର କରିଥାନ୍ତି ସେଥିରେ ପରିବାର ଚଳାଇଥାନ୍ତି। ଏଭଳି ସ୍ଥିତିରେ ନିଜ ପିଲାଙ୍କୁ ପାଠ ପଢ଼ାଇବା ସେମାନଙ୍କ ପାଇଁ ସ୍ୱପ୍ନ ସଦୃଶ। ସ୍ୱାଧୀନତାର ୭୫ ବର୍ଷ ବିତିଯାଇଥିଲେ ସୁଦ୍ଧା ଏଯାଏ ଗ୍ରାମର ଜଣେ ହେଲେ ପିଲା ଶିକ୍ଷିତ ହୋଇପାରିନାହାନ୍ତି। ଗ୍ରାମଠାରୁ ୨ କି.ମି. ଦୂରରେ ଇତାବଲାସା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ରହିଥିବାରୁ ସେଠାକୁ ଯାଇ ପ୍ରାକ୍ ଶିକ୍ଷା ଗ୍ରହଣ କରିବା କୁନି କୁନି ଶିଶୁଙ୍କ ପକ୍ଷରେ ସମ୍ଭବ ହୋଇ ନ ଥାଏ। ୬ରୁ ୧୪ ବର୍ଷର ଶିଶୁମାନେ ମଧ୍ୟ ଉକ୍ତ ବିଦ୍ୟାଳୟକୁ ନ ଯାଇ ଛେଳି, ଗୋରୁ ଚରାଇବା କାର୍ଯ୍ୟରେ ନିୟୋଜିତ ହେଉଥିବା ଦେଖିବାକୁ ମିଳୁଛି। ଏହିପରି ସ୍ଥିତି ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଏବଂ ଶିଶୁ ସୁରକ୍ଷା ବିଭାଗ ଅବଗତ ଥିଲେ ସୁଦ୍ଧା ସିଡିବାଲସା ଗ୍ରାମ ପିଲାମାନେ କିପରି ଶିକ୍ଷା ସହ ଜଡ଼ିତ ହେବେ ସେଥିପ୍ରତି ପ୍ରଶାସନ କୌଣସି ତତ୍ପରତା ପ୍ରକାଶ କରେ ନାହିଁ। ଇତାବାଲସା ଗ୍ରାମର ପିଲାମାନେ ମଧ୍ୟ ବିଦ୍ୟାଳୟ ଯିବାକୁ ଇଚ୍ଛା କରୁନାହାନ୍ତି ବୋଲି ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟା କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଟି.ମିନତିଙ୍କୁ ପଚାରିବାରୁ ସିଡିବାଲସା ଗ୍ରାମର ପିଲାମାନେ କିପରି ଇତାବାଲସା ବିଦ୍ୟାଳୟକୁ ନିୟମିତ ପାଠ ପଢ଼ିବାକୁ ଆସିବେ ସେନେଇ ଇତାବାଲସା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ରାଲେଗଡ଼ା କ୍ଲଷ୍ଟର ସିଆରସିସିଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଥିଲେ।

## ବଳରାମ ପୂଜାରୀଙ୍କୁ ବର୍ଷା ସାହିତ୍ୟ ସଂସଦ ସମ୍ମାନ

କୁନ୍ଦୁଲୁଗୁମ୍ମା,୨୦।୨(ଡି.ଏନ୍.ଏ.)

ମାଲକାନଗିରି ଜିଲାର କବି ବଳରାମ ପୂଜାରୀଙ୍କୁ ଦାମନଯୋଡ଼ି ବର୍ଷା ସାହିତ୍ୟ ସଂସଦ ପକ୍ଷରୁ ତାଙ୍କର ପଞ୍ଚମ କବିତା ସଙ୍କଳନ 'ଶ୍ୱେତପତ୍ର' ପାଇଁ ସମ୍ମାନିତ କରାଯାଇଛି। ସୋମବାର ଦାମନଯୋଡ଼ି ସରସ୍ୱତୀ ଶିଶୁମନ୍ଦିର ସଭାଗୃହରେ ଆୟୋଜିତ ସାହିତ୍ୟ ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋର କାର୍ଯ୍ୟନିର୍ବାହୀ ଅଧିକରୀ ଡ. ସୁଶୀଲ ପାଢ଼ୀ, ଦାମନଯୋଡ଼ି ଭୂଦାନ ଆନ୍ଦୋଳନର କର୍ମୀ କୃଷ୍ଣ ସିଂହ, ମୁଖ୍ୟବକ୍ତା ରୂପେ ଡ. ଫଣି ମହାନ୍ତି, ସମ୍ମାନିତ ଅତିଥି ଭାବେ ଇଂ. ସରୋଜ ମହାପାତ୍ର, ସାହିତ୍ୟିକ ତଥା କୋରାପୁଟ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୁଳପତି ଡ. ଚକ୍ରଧର ତ୍ରିପାଠୀ, ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର,ଡ. ସୁରେଶ ଚନ୍ଦ୍ର ସାମଲ, ବର୍ଷା ସାହିତ୍ୟ ସଂସଦ ସଭାପତି ଡ.ପ୍ରଦୀପ ପାଟଜୋଷୀ, ସାଧାରଣ ସମ୍ପାଦକ ଶ୍ରୀଧର ପରିଡ଼ା ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଓ ସୀମାନ୍ତ ଅଞ୍ଚଳରେ ଏହାର ଉତ୍ଥାନ ସହ ଅଭିବୃଦ୍ଧି ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ନିରନ୍ତର ସାହିତ୍ୟ ସାଧନା ପାଇଁ ଚଳିତ ବର୍ଷର ଗୌରବମୟ ବର୍ଷା ସାହିତ୍ୟ ସମ୍ମାନ କବି ବଳରାମ ପୂଜାରୀଙ୍କୁ ପ୍ରଦାନ କରାଯାଇଥିଲା। ତାଙ୍କୁ ନାଲ୍‌କୋ କାର୍ଯ୍ୟନିର୍ବାହୀ ଅଧିକାରୀ ପାଢ଼ୀ ଓ ସାହିତ୍ୟିକ ଡ. ମହାନ୍ତି ଫଳକ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ।

## ଗ୍ରାମ ସମସ୍ୟା ଦୂର ନେଇ ସାହି ବୁଲିଲେ ଅଧିକାରୀ, ଜନପ୍ରତିନିଧି

ମାଥିଲି,୨୦।୨(ଡି.ଏନ.ଏ.)



ଅଧିକାରୀମାନେ ସମସ୍ୟା ତଦାରଖ କରି ଆଲୋଚନା କରୁଛନ୍ତି।

ଗ୍ରାମାଞ୍ଚଳର ବିଭିନ୍ନ ସମସ୍ୟା ଦୂରୀକରଣ ପାଇଁ ନିକଟରେ ମାଲାକନଗିରି ଜିଲା ମାଥିଲି ବ୍ଲକର ବିଭିନ୍ନ ସାହିରେ ଅଧିକାରୀ ଓ ଜନ ପ୍ରତିନିଧିମାନେ ଲୋକଙ୍କ ସହ ଆଲୋଚନା କରିଛନ୍ତି। ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକ ଗ୍ରାମାଞ୍ଚଳର ସାହିଗୁଡ଼ିକରେ କିପରି କାର୍ଯ୍ୟକାରୀ ହେଉଛି ସେନେଇ ଲୋକଙ୍କ ସହ ସେମାନେ ଆଲୋଚନା କରିଛନ୍ତି। ଖବରରୁ ଜଣାପଡିଛି, ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ପାନୀୟଜଳ, ରାସ୍ତା, ପାଇଖାନା ଓ ଡ୍ରେନେଜ ସମସ୍ୟାରୁ ଲୋକେ କିପରି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ଅଧିକାରୀ ଓ ଜନ ପ୍ରତିନିଧିମାନେ ସାହିସାହି ବୁଲି ତଦାରଖ କରିଛନ୍ତି। ମାଲକାନଗିରି ଜିଲା ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ ବାକା,ମାଥିଲି ବିଡିଓ ହୃଷିକେଶ ଗଣ୍ଡ,ସଦର ସରପଞ୍ଚ କାନାମରାଜୁ ନାୟକ,ମାଥିଲି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ମହାରଣା,ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମାଝୀ,ସମିତିସଭ୍ୟ ବାଲରାଜୁ କୋପେ ଓ ମାଥିଲି ଜୋନ-୨ର ଜିଲା ପରିଷଦ ସଭ୍ୟ ହିରଣ୍ୟ ମୁଦୁଲି ସୋମବାର ସଦର ପଞ୍ଚାୟତ ସଦର ଗ୍ରାମର ଇନ୍ଦିରା କଲୋନୀ, ହାଟପଦା ସାହି, କମାରସାହି, ସାଗରସାହି ଓ ଅନୁଗୁଳିଆ ସାହି ପରିଦର୍ଶନ କରି ସାହିର ଲୋକଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାରେ ପାନୀୟଜଳ, ରାସ୍ତା ପାଇଖାନା ଓ ଡ୍ରେନେଜ ବ୍ୟବସ୍ଥା ଅନେକ ସାହିରେ ପହଞ୍ଚିଥିବା ସେମାନେ ଦେଖିବାକୁ ପାଇଥିଲେ। ରାସ୍ତା ଓ ଆଲୋକୀକରଣ ନେଇ ରହିଥିବା ସମସ୍ୟା ତୁରନ୍ତ ସମାଧାନ କରାଯିବ ବୋଲି ଆଲୋଚନା ବେଳେ ଲୋକ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଆଜି କୋର୍ଟରେ ହାଜର ହେଲେନି ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲ

ମାଲକାନଗିର,୨୦।୨(ଡି.ଏନ୍.ଏ.)

**ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ମାମଲା**

ମାଲକାନଗିରି ଜିଲାର ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ଘଟଣା ନେଇ ସୋମବାର ଅଗ୍ରୱାଲଙ୍କୁ ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର ହେବାକୁ ତାରିଖ ଧାର୍ଯ୍ୟ ହୋଇଥିଲା। ମାତ୍ର କୌଣସି କାରଣବଶତଃ ଅଗ୍ରୱାଲ କୋର୍ଟରେ ହାଜର ହୋଇପାରିନାହାନ୍ତି। ସେ ଏଥିପାଇଁ ଅଧିକ ସମୟ ମାଗିଥିବା ଜଣାପଡ଼ିଛି।

ଖବରରୁ ଜଣାପଡ଼ିଛି, ସ୍ୱର୍ଗତ ପଣ୍ଡାଙ୍କ ସ୍ତ୍ରୀ ବନଜା ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପାଇଁ ତତ୍କାଳୀନ ଜିଲାପାଳ ଅଗ୍ରୱାଲ ଏବଂ ତାଙ୍କର ୩ ଜଣ କର୍ମଚାରୀଙ୍କୁ ଦାୟୀ କରି ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ପୋଲିସ ଓ କ୍ରାଇମବ୍ରାଞ୍ଚ ତଦନ୍ତ କରି ରିପୋର୍ଟ ଦାଖଲ ପରେ ଏହାର ପରିସମାପ୍ତି ଘଟିଥିଲା। ତେବେ ବନଜା ଏଥିରେ ସନ୍ତୁଷ୍ଟ ନ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ପୁନର୍ବିଚାର ପାଇଁ ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ କୋର୍ଟକୁ ଜଣାଇଥିଲେ। ପରେ ଏହାର ପୁନର୍ବିଚାର ଆରମ୍ଭ ହୋଇଥିଲା। ଏହି ମାମଲାରେ ଅଗ୍ରୱାଲଙ୍କୁ ସୋମବାର ଉପସ୍ଥିତ ରହିବାକୁ କୁହାଯାଇଥିଲା। ତେବେ ସେ କୌଣସି କାରଣରୁ ଉପସ୍ଥିତ ରହି ନ ପାରି ଅନ୍ୟ ଏକ ଦିନ ଧାର୍ଯ୍ୟ କରିବାକୁ କୋର୍ଟଙ୍କୁ ଅନୁରୋଧ କରିଥିବା ଜଣାପଡ଼ିଛି।

## କ୍ଷୁଦ୍ର ଶସ୍ୟକୁ ନେଇ ଖାଦ୍ୟ ମହୋତ୍ସବ

ଜୟପୁର,୨୦।୨ (ନି.ପ୍ର.)

କ୍ଷୁଦ୍ର ଶସ୍ୟକୁ ନେଇ ଜୟପୁରସ୍ଥିତ ଫୁଡ କର୍ପୋରେସନ ପକ୍ଷରୁ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୟପୁର ଉମୁରୀସ୍ଥିତ ଫୁଡ ଷ୍ଟୋରେଜ ଡିପୋ ପରିସରରେ ଏହି ମହୋତ୍ସବ ହୋଇଥିଲା। ଏଥିରେ ଏଫସିଆଇର ଡିଭିଜନାଲ ମ୍ୟାନେଜର ପ୍ରତାପ ବେହେରା ଅଧ୍ୟକ୍ଷତା କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ତାପସ ଚନ୍ଦ୍ର ରଥ ମୁଖ୍ୟ ବକ୍ତା ଭାବରେ ଜୟପୁରସ୍ଥିତ ଅଲ ଇଣ୍ଡିଆ ରେଡ଼ିଓର ନିର୍ଦ୍ଦେଶକ ନରେନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଏଚ.ମୁରଲି କୃଷ୍ଣ, ରାୟଗଡା ଏସିଏସ୍‌ଓ ଏସ. ଭୋଇ, ସୁଶୀଲ ଜେନା, ଜୟପୁର ଏସିଏସ୍‌ଓ ପ୍ରଶାନ୍ତ ପରିଡା, ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ବୈଜ୍ଞାନିକ ମହେନ୍ଦ୍ର କୁମାର, ନିଲୁ ମହାରାଣା, ନବରଙ୍ଗପୁର ଡିଏ, ଜୟପୁର,ଉମରୀ, ନବରଙ୍ଗପୁର ଏବଂ ରାୟାଗଡା କୃଷକ ସମାଜର ଏସ୍‌ଏଚ୍‌ଜି ସଦସ୍ୟମାନେ ଯୋଗଦେଇ ଅନ୍ୟ ଖାଦ୍ୟ ସାମଗ୍ରୀ ତୁଳନାରେ ମିଲେଟର ବିଭିନ୍ନ ଗୁଣ ଉପରେ ଆଲୋଚନା କରିଥିଲେ। ସୁରେଶ କୁମାର ନନ୍ଦା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଅମିତ ପରମଗୁରୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପଡିଥିବା ଷ୍ଟଲରେ କ୍ଷୁଦ୍ର ଶସ୍ୟର ବିଭିନ୍ନ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। କ୍ଷୁଦ୍ର ଶସ୍ୟ ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟରେ ଉନ୍ନତି ହେବାସହ ଏହା ରକ୍ତରେ ଶର୍କରା, ହୃଦରୋଗ, ଉଚ୍ଚ କୋଲେଷ୍ଟ୍ରଲ ସହ ଅନ୍ୟାନ୍ୟ ରୋଗକୁ ରୋକିବ ବୋଲି ଉପସ୍ଥିତ ଜନସାଧାରଣ ଓ ଚାଷୀଙ୍କୁ ସେଚେତନତା କରାଯାଇଥିଲା।

## ହାଇଦ୍ରାବାଦ ଗଲେ ୨୫ ଯୁବତୀଯୁବକ

ମାଲକାନଗିରି,୨୦।୨(ଡି.ଏନ୍.ଏ.)

**ବିଏସ୍‌ଏଫ୍ ପକ୍ଷରୁ ଆଦିବାସୀ ଯୁବ ମତ ବିନିମୟ କାର୍ଯ୍ୟକ୍ରମ**

ମାଲକାନଗିରି ଜିଲା ବିଏସ୍‌ଏଫ୍ ପକ୍ଷରୁ ଆଦିବାସୀ ଯୁବତୀ ଯୁବକଙ୍କ ପାଇଁ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅଂଶଗ୍ରହଣ କରିବାକୁ ୨୫ ଜଣ ଆଦିବସୀ ଯୁବତୀଯୁବକ ସୋମବାର ହାଇଦ୍ରାବାଦ ଗସ୍ତ କରିଛନ୍ତି। ବିଏସ୍‌ଏଫ୍ କମାଣ୍ଡାଣ୍ଟ ଏଚ୍ ଖାନ ସୋମବାର ମାଲକାନଗରି ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ବସବାସ କରୁଥିବା ୨୫ ଜଣ ଯୁବତୀଯୁବକଙ୍କୁ ହାଇଦ୍ରାବାଦ ପଠାଇଛନ୍ତି। ଏହି ଯୁବପୀଢି ଆସନ୍ତା ୨୧ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦର ବିଭିନ୍ନ ପର୍ଯ୍ୟଟନ ସ୍ଥଳି ଭ୍ରମଣ କରିବା ସହ ସେଠାକାର ରାଜ୍ୟପାଳ, ବିଭିନ୍ନ ମନ୍ତ୍ରୀ, ସିନେ ତାରକା, ଟିଭିତାରକା, ପୌରାଣିକ ସ୍ଥଳ ବୁଲିବେ। କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ଡାକ୍ତର ଶିବ କୁମାର, ଶୁଭଞ୍ଜନ ମହାପାତ୍ର, ଶ୍ରଧାକର ପାଢୀ, ନେହେରୁ ଯୁବ ସଂଘର ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ପୂର୍ବରୁ ବିଏସ୍‌ଏଫ୍ ପକ୍ଷରୁ ୨୨୨ ଜଣ ଯୁବତୀଯୁବକଙ୍କୁ ଦେଶର ବିଭିନ୍ନ ଅଞ୍ଚଳ ଯଥା ହରିୟାନାର ପଞ୍ଚକୁଲା, ଅହମଦାବାଦ, ବେଙ୍ଗାଲୁରୁ, ଭୋପାଳ, ପୁଡୁଚେରି, ନୂଆଦିଲ୍ଲୀ, ଚଣ୍ଡିଗଡ, କୋଚି ରାଜ୍ୟ ବୁଲାଇ ଅଣାଯାଇଛି। ସୋମବାର ୨୫ ଜଣ ହାଇଦ୍ରାବାଦ ଯାଇଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଯୁବପିଢିଙ୍କ ଜ୍ଞାନ ଆହରଣ ବୃଦ୍ଧି ପାଇବା ସହ ସେମାନେ ଦେଶର ବହୁ ପୌରାଣିକ ଓ ଐତିହାସିକ ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ଜ୍ଞାନଲାଭ କରିପାରିବେ ବୋଲି ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି।



ମତବିନିମୟ କାର୍ଯ୍ୟକ୍ରମକୁ ଯିବା ପାଇଁ ବାହାରିଥିବା ଗ୍ରାମବାସୀ ।

## ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ଦାବିପତ୍ର ଦେଉଛନ୍ତି ।

କୋରାପୁଟ, ୨୦।୨(ସ୍ୱ.ପ୍ର.)

ରାଜ୍ୟ ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ କୋରାପୁଟ ଜିଲା ଶାଖା ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଂଘ ସଭାପତି ଜେମସ ଚାନ୍ଦଙ୍କ ନେତୃତ୍ୱରେ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ରବି ନାରାୟଣ ପଣ୍ଡାଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ଦେଇଥିଲେ। ଚାକିରି ସର୍ତ୍ତାବଳୀ ପୁନର୍ଗଠନ କରିବା, ନିଯୁକ୍ତି ନିୟମ ସଂଶୋଧନ କରିବା, ଦରମାର ସଂଶୋଧନ କରିବା, ଜବଚାର୍ଟର ସଂସ୍କାର କରିବା ଆଦି ଦାବି ସେମାନଙ୍କର ରହିଛି। ସେମାନଙ୍କ ଦାବିପୂରଣ ନେଇ ପୂର୍ବରୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏ ତାହା ପାଳନ କରିନାହାନ୍ତି। ଫଳରେ ସୋମବାର ପୁଣି ଥରେ ରାଜ୍ୟସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପୂରଣ ନ ହେଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଜରତି ଟନେଲରେ ବିଦ୍ୟୁତ୍ ସରବରାହ ବନ୍ଦ,୨ ଟ୍ରେନ୍ ବାତିଲ

କୋରାପୁଟ,୨୦।୨(ସ୍ୱ.ପ୍ର.)

**ବିଭିନ୍ନ ଷ୍ଟେସନରେ ଅଟକି ରହିଛି ଟ୍ରେନ୍**

କୋରାପୁଟ ଜୟପୁର ମଧ୍ୟରେ ଥିବା ଜରଟି ଟନେଲରେ ବିଦ୍ୟୁତ୍ ସରବାରହ ବନ୍ଦ ଯୋଗୁ ଟ୍ରେନ୍ ଚଳାଚଳ ବାଧା ପାଇଛି। ଉକ୍ତ ରୁଟ୍‌ରେ ଯାଉଥିବା ସମସ୍ତ ଯାତ୍ରୀବାହି ଟ୍ରେନ୍ କୋରାପୁଟ-ଜଗଦଲପୁର ମଧ୍ୟରେ ବିଭିନ୍ନ ଷ୍ଟେସନରେ ଅଟକି ରହିଛି। ଏଥିଯୋଗୁ ବିଶାଖାପାଟଣା-କିରଣ୍ଡଲ ଓ କିରଣ୍ଡଲ-ବିଶାଖାପାଟଣା ଟ୍ରେନ୍ ବାତିଲ ହୋଇଛି। ସୂଚନାନୁଯାୟୀ, ମାଳିଗୁଡାରୁ ଜରଟି ମଧ୍ୟରେ ଥିବା ଟନେଲ ମଝିରେ ମାଲବାହୀ ଟ୍ରେନ ଯିବା ସମୟରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା। କେକେ ରେଳ ଲାଇନରେ ବିଦ୍ୟୁତ ସରୋବରାହ ବନ୍ଦ ହୋଇଯିବା ଯୋଗୁ ରେଳ ଚଳାଚଳ ବନ୍ଦ ରହିଛି। ଉକ୍ତ ଲାଇନରେ ଯାଉଥିବା ସମସ୍ତ ଯାତ୍ରୀବାହୀ ଟ୍ରେନ୍ କୋରାପୁଟ-ଜଗଦଲପୁର ମଧ୍ୟରେ ବିଭିନ୍ନ ଷ୍ଟେସନରେ ଅଟକି ରହିଛି। କୋରାପୁରୁ ସ୍ୱତନ୍ତ୍ର ମେକାନିକାଲ ଟିମ୍ ଘଟଣାସ୍ଥଳକୁ ଗସ୍ତ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

## ସାଙ୍ଗାମଗୁଡ଼ାରେ ପୋଲିସର ଜନସମ୍ପର୍କ ଶିବିର

ନନ୍ଦପୁର,୨୦।୨

ନନ୍ଦପୁର ପୋଲିସ ପକ୍ଷରୁ ପରଜାମୁଠାଇ ପଞ୍ଚାୟତର ସାଙ୍ଗାମଗୁଡ଼ା ଗ୍ରାମରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଏକ ଜନସମ୍ପର୍କ ଶିବିର ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରାଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଞ୍ଚଳର ୧୪ଟି ଗ୍ରାମର ଗ୍ରାମବାସୀ ଶିବିରରେ ସାମିଲ ହୋଇଥିଲେ। ୨୦୦ରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରାଯାଇଥିଲା। କମ୍ବଳ ଓ ଶାଢ଼ି ବଣ୍ଟାଯାଇଥିଲା। ଯୁବଗୋଷ୍ଠୀଙ୍କ ମଧ୍ୟରେ ଭଲିବଲ ପ୍ରତିଯୋଗିତା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ଯୁବତୀଙ୍କ ମଧ୍ୟରେ ଢେମ୍‌ଶା ନାଚ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟଅତିଥି ଭାବେ ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ଓ କୋରାପୁଟ ପୋଲିସ ବାହିନୀର ରିଜର୍ଭ ଇନ୍ସପେକ୍ଟର ସୁବାସ ନାୟକ ଯୋଗ ଦେଇଥିଲେ। ପୋଲିସ ବିପଦର ବନ୍ଧୁ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ରହିବ ବୋଲି ଏସ୍‌ଡିପିଓ ମହାପାତ୍ର କହିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପରଜା ମୁଠାଇ ସରପଞ୍ଚ ଅଞ୍ଜନା ଚପାଡି, ସମିତି ସଭ୍ୟ ପାର୍ବତୀ ଖରା, ନାଏବ ସରପଞ୍ଚ ବିଷ୍ଣୁ ଗେମେଲ, ୧୪ ୱାର୍ଡସଭ୍ୟ, ପୂର୍ବତନ ସରପଞ୍ଚ ଉଗ୍ରସେନ ଚପାଡି, ମଧୁ ଚପାଡ଼ି, ଭାଗୀରଥି ଖିଲ, ନନ୍ଦପୁର ଏସ୍‌ଆଇ ବେଦୋବର ସାହୁ, ଦୀପ୍ତିମୟୀ ଧାରୁଆ, ଏଏସ୍‌ଆଇ ସଞ୍ଜୟ ମଣ୍ଡଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କୋରାପୁଟ ପୋଲିସ ହସ୍ପିଟାଲ ଡାକ୍ତର ସ୍ମୃତିରଞ୍ଜନ ପରିଡ଼ା, ଫାର୍ମାସିଷ୍ଟ ବ୍ରଜରାଜ ନନ୍ଦ, ଏଲଟି ବୈଦ୍ୟନାଥ ସରାଫ ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।



ଜନସମ୍ପର୍କ ଶିବିରରେ ଉପସ୍ଥିତ ଅତିଥି ଓ ଜନସାଧାରଣ।

## ମାର୍ଚ୍ଚ ୩୧ ଯାଏ ଚାଲିବ ମଣ୍ଡି

ମାଲକାନଗିରି,୨୦।୨(ଡି.ଏନ୍.ଏ.)

- ଧାନ ବିକ୍ରି କରିପାରିନାହାନ୍ତି ୪ ହଜାରରୁ ଊର୍ଦ୍ଧ୍ୱ ଚାଷୀ
- ଟାର୍ଗେଟ ଥିଲା ୧୨,୨୫,୩୨୮, କ୍ରୟ ହୋଇଛି ୧୧,୬୨,୭୨୨ କୁଇଣ୍ଟାଲ



ମଣ୍ଡିରେ ପଡିରହିଥିବା ଧାନ ।

ମାଲକାନଗିରି ଜିଲାର ଖରିଫ ଧାନମଣ୍ଡିରେ ଏବେ ମଧ୍ୟ ୪ ହଜାରରୁ ଊର୍ଦ୍ଧ୍ୱ ଚାଷୀ ନିଜ ଧାନ ବିକ୍ରିକରି ନ ପାରି ଟୋକନ ଅପେକ୍ଷାରେ ରହିଛନ୍ତି। ବହୁ ଚାଷୀ ଧାନ ବିକ୍ରି ପରେ ମଧ୍ୟ ନିଜ ପ୍ରାପ୍ୟ ଏଯାଏ ପାଇନାହାନ୍ତି। ଚଳିତ ବର୍ଷ ୩୫ ହଜାର ୧୬୬ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି ଲାଗି ପଞ୍ଜୀକୃତ ହୋଇଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ୩୦ହଜାର ୨ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରି କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳିତବର୍ଷ ମାର୍ଚ୍ଚ ୩୧ ଯାଏ ମଣ୍ଡି ଚଳାଇବାକୁ ପ୍ରଶାସନ ସ୍ଥିର କରିଛି।

ଚଳିତବର୍ଷ ପ୍ରାୟ ୧୨ ଲକ୍ଷ ୨୫ ହଜାର କୁଇଣ୍ଟାଲ ଧାନ ବିକ୍ରି ନେଇ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଯାଏ ୧୧ ଲକ୍ଷ ୬୨ ହଜାର ୭୨୨ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଏବେ ପ୍ରାୟ ୧ ଲକ୍ଷ କୁଇଣ୍ଟାଲରୁ ଅଧିକ ଧାନ ଚାଷୀଙ୍କ ପାଖରେ ରହିଛି। ମଝିରେ ୭ଦିନ ମଣ୍ଡି ବନ୍ଦ ଥିବା ବେଳେ ପୁଣି ମଣ୍ଡି ଆରମ୍ଭ ହୋଇ ଧାନ କ୍ରୟ ଆରମ୍ଭ ହୋଇଥିଲା। ତେବେ ଟାର୍ଗେଟ ବୃଦ୍ଧି ଲାଗି ଚାଷୀ ଦାବି କରୁଥିଲେ ସୁଦ୍ଧା ପୂର୍ବ ଟାର୍ଗେଟ ବଳବତର ରହିଛି। ଏଯାଏ ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଧାନ ବିକ୍ରି ହୋଇ ନ ଥିବା ବେଳେ ବହୁ ଚାଷୀ ଟୋକନ ଅପେକ୍ଷାରେ ରହିଛନ୍ତି। ତେବେ ମଣ୍ଡିରେ ଧାନ ବିକ୍ରି କରି ନ ପାରି ଅନେକ ଚାଷୀ ବାଧ୍ୟ ହୋଇ ବାହାର ବ୍ୟବସାୟୀଙ୍କୁ କମ୍ ଦରରେ ଧାନ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଟୋକନ ପ୍ରଦାନରେ ଆରମ୍ଭରୁ ଅନିୟମିତତା ହୋଇଥିବା ବେଳେ ଚାଷୀଙ୍କଠାରୁ କମ ଦରରେ ଧାନ ନେବାକୁ ହାଇଦ୍ରାବାଦ, ଗୁଣ୍ଟୁର ଅଞ୍ଚଳରୁ ବ୍ୟବସାୟୀମାନେ ଆସି ମାଲକାନଗିରିରେ ଡେରା ପକାଇଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କଠାରୁ ଧାନ କ୍ରୟ ନେଇ ଯୋଗାଣ ବିଭାଗ ଭିନ୍ନ କଥା କହୁଛି। ଚାଷୀ ପାଖରେ ଯଦି ଚାଷୀ କାର୍ଡ ରହିଛି ତାହାହେଲେ ସେମାନେ ଯେକୌଣସି ଲୋକଙ୍କୁ ଧାନ ବିକ୍ରି କରିବାର ଅଧିକାର ରହିଥିବା ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଶୁଣି ଚାଷୀ ପ୍ରଶାସନ ଧାନ କିଣିବା ଆଶା ଛାଡି ଦେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ଥର ମଣ୍ଡିରେ ସୁବ୍ୟବସ୍ଥା ହୋଇଥିବା ଏବଂ ଚାଷୀଙ୍କ ଧାନ ବିକ୍ରି ନେଇ ସମସ୍ୟା ନ ଥିବା କହୁଥିବା ବେଳେ ଆଦିବାସୀ ବହୁଳ ମାଲକାନଗିରି ଜିଲାରେ ଏହା ପ୍ରହସନ ପାଲଟିଛି।

